Chapter- 10

# ସତ୍ୟର ପୂଜାରୀ ଆଚାର୍ଯ୍ୟ ହରିହର

**STUDY NOTES**

## MIND MAP



ମହାତ୍ମା ବା ଋଷିପ୍ରାଣ ବ୍ୟକ୍ତିମାନଙ୍କର ଜୀବନ ରହସ୍ୟ ସାଧାରଣତଃ କୌତୂହଳପୂର୍ଣ୍ଣ । ସେମାନଙ୍କର ପ୍ରକୃତ ମହତ୍ତ୍ୱ, ତ୍ୟାଗ ବା ଆଦର୍ଶ ଲୋକଲୋଚନକୁ ସହଜରେ ଆସି ପାରି ନଥାଏ । କାରଣ ସେମାନେ ତଥା କଥିତ ରାଜନେତାଙ୍କ ପରି ସେମାନଙ୍କର ମହତ୍ତ୍ୱର ଡିଣ୍ଡିମ ବଜାଇ ନଥାନ୍ତି । ଆଚାର୍ଯ୍ୟ ହରିହର ସେହିପରି ଏକ ମହାନ୍ ଚରିତ୍ର ହୋଇଥିବାରୁ ତାଙ୍କର ଜୀବନର ସମସ୍ତ ଆଦର୍ଶ ବା ମହାନତା ସଂପର୍କରେ ଜନସାଧାରଣ ଅବଗତ ହୋଇପାରି ନାହାନ୍ତି । ଏଣୁ ଲେଖକ ବିନୋଦ କାନୁନ୍‌ଗୋ ଏହା ଉପଲବ୍ଧି କରି ଆଚାର୍ଯ୍ୟଙ୍କର ଭଲଗୁଣଗୁଡ଼ିକୁ ଲୋକଲୋଚନତକୁ ଆଣିବା ପାଇଁ ଉଦ୍ୟମ କରିଛନ୍ତି । ଆଚାର୍ଯ୍ୟ ହରିହରଙ୍କର ଅଳ୍ପ କେତେକ କାର୍ଯ୍ୟାବଳୀ ସାଧାରଣରେ ପରିଚିତ ହୋଇଥିଲେ ମଧ୍ୟ ତାଙ୍କ ଜୀବନର ବହୁ ଆଦର୍ଶ ଓ ସଂସ୍କାରମୂଳକ କାର୍ଯ୍ୟଧାରା ସଂପର୍କରେ ଚଳିତ ପିଢ଼ିର ଛାତ୍ରଛାତ୍ରୀମାନେ ଜାଣିବା ଅତ୍ୟନ୍ତ ଜରୁରୀ ବୋଲି ଲେଖକ ଉପଲବ୍ଧି କରି ଏ ପ୍ରବନ୍ଧଟି ରଚନା କରିଛନ୍ତି । ସେବା, ଦୟା, ସତ୍ୟ ଓ ତ୍ୟାଗର ପ୍ରତିମୂର୍ତ୍ତି ଆଚାର୍ଯ୍ୟ ହରିହର ଜଣେ ଉପଯୁକ୍ତ ଦେଶସେବକ ଓ ସମାଜ ସଂସ୍କାରକ ଭାବେ କାମ କରି ଅମର ହୋଇଛନ୍ତି । ସେ ପ୍ରକୃତ ଅର୍ଥରେ ସନ୍ନ୍ୟାସୀ ଥିଲେ । ସେ ସଂସାରୀ ତ୍ୟାଗୀ ଥିଲେ । ତାଙ୍କର କିଛି ସମ୍ପତ୍ତି ନଥିଲା । ସେ ବୁଝିଥିଲେ ଦୁଃଖୀ, ଦରିଦ୍ର, ଅତ୍ୟାଚାରୀଙ୍କ ସେବାରେ ହିଁ ଭଗବାନ୍ ମିଳନ୍ତି । 'ସତ୍ୟ' ହିଁ ଭଗବାନ ଏହାର ପ୍ରକୃତ ଅର୍ଥ ସେ ବୁଝିଥିଲେ ।

ODM EDUCATIONAL GROUP
Changing your Tomorrow